**ରିପୋର୍ଟ ଯୋଗ୍ୟ**

**ଭାରତର ସର୍ବୋଚ୍ଚ ନ୍ୟାୟାଳୟ**

**ଦେୱାନୀ ଆବେଦନ କ୍ଷେତ୍ରାଧିକାର**

**ଦେୱାନୀ ଆବେଦନ ସଂଖ୍ୟା ୭୫୪୯/୨୦୨୧**

**(ଏସ.ଏଲ.ପି.(ସି ) ସଂଖ୍ୟା ୨୩୧୭୭/୨୦୧୮ ରୁ ଆସିଛି)**

**ରଶ୍ମିତା ବିଶ୍ୱାଳ ଏବଂ ଅନ୍ୟମାନେ ... ଆବେଦନକାରୀ (ମାନେ)**

**ବନାମ**

**ଡିଭିଜନାଲ ମ୍ୟାନେଜର,**
**ନ୍ୟାସନାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ**
**ଏବଂ ଅନ୍ୟଜଣେ ...ଉତ୍ତରଦାତା(ମାନେ)**

**ରାୟ**

**ଏସ୍. ଅବଦୁଲ ନଜିର, ନ୍ୟାୟମୂର୍ତ୍ତି**

୧. ଅନୁମତି ପ୍ରଦାନ କରାଗଲା ।

୨. ତା ୦୭.୦୩.୨୦୧୮ ରିଖରେ କଟକ ସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏମଏସିଏ ସଂଖ୍ୟା ୯୬୫/୨୦୧୬ ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶ ବିରୋଧରେ ଏହି ଆବେଦନ ଉଦ୍ଦିଷ୍ଟ ଯେଉଁଠାରେ ଉଚ୍ଚ ନ୍ୟାୟାଳୟ ଅବେଦନକାରୀମାନଙ୍କୁ / ଦାବିଦାରମାନଙ୍କୁ ଧାର୍ଯ୍ୟ କ୍ଷତିପୂରଣ ରାଶି ଟ ୨୨,୬୦,୦୦୦/- ଙ୍କାରୁ ଟ ୧୭,୦୦,୦୦୦ /- ଙ୍କାକୁ ହ୍ରାସ କରିଛନ୍ତି ।

୩. ପ୍ରଥମ ଆବେଦନକାରୀ ମନୋଜ କୁମାର ବିଶ୍ୱାଳଙ୍କ ପତ୍ନୀ ଏବଂ ଦ୍ୱିତୀୟ ଓ ତୃତୀୟ ଆବେଦନକାରୀମାନେ ସେମାନଙ୍କ ନାବାଳକ ପୁଅମାନେ । ମନୋଜ କୁମାର ବିଶ୍ୱାଳ

ତା୦୯.୦୫.୨୦୧୩ରିଖରେ ଏକ ମୋଟର ଗାଡି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ମନୋଜ କୁମାର ବିଶ୍ୱାଳଙ୍କ ମୃତ୍ୟୁର କ୍ଷତିପୂରଣ ପାଇଁ ଆବେଦନକାରୀମାନେ ତାଳଚେର ଜିଲ୍ଲାର ଅତିରିକ୍ତ ଜିଲ୍ଲା ନ୍ୟାୟାଧୀଶ ତଥା ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣଙ୍କ (ସଂକ୍ଷିପ୍ତରେ 'ନ୍ୟାୟାଧିକରଣ') ନିକଟରେ ଏମଏସି ସଂଖ୍ୟା ୪୬/୨୦୧୩ ନାମରେ ଏକ ଦାବି ପ୍ରାର୍ଥନା ଦାଖଲ କରିଥିଲେ । ପ୍ରଥମ ପ୍ରତିବାଦୀ, ଟ୍ରକର ମାଲିକ, ଦୁର୍ଘଟଣା ଘଟାଇଥିବା ଟ୍ରକର ଡ୍ରାଇଭରର କୌଣସି ଅବହେଳାକୁ ଅସ୍ୱୀକାର କରି ନିଜର ଲିଖିତ ବିବୃତି ଦାଖଲ କରିଥିଲେ । ପ୍ରତିବାଦୀ ସଂଖ୍ୟା ୨ ବୀମାକାରୀ ଅଟନ୍ତି, ଯିଏକି ଦାବି ପ୍ରାର୍ଥନାକୁ ବିରୋଧ କରି ଲିଖିତ ବିବୃତି ମଧ୍ୟ ଦାଖଲ କରିଛନ୍ତି ।

୪. ନଥିଭୁକ୍ତ ସମସ୍ତ ତଥ୍ୟର ମୂଲ୍ୟାଙ୍କନ କରିବା ପରେ ନ୍ୟାୟାଧିକରଣ କହିଥିଲେ ଯେ ଏହି ଦୁର୍ଘଟଣା ଟ୍ରକ ଡ୍ରାଇଭରଙ୍କ ଅସାବଧାନତା ଏବଂ ବେପରୁଆ ଗାଡି ଚାଳନା ଯୋଗୁ ହୋଇଛି । ନ୍ୟାୟାଧିକରଣ ବାର୍ଷିକ ୬ ପ୍ରତିଶତ ସୁଧ ସହିତ ମୋଟ ଟ ୧୨,୯୦,୦୬୪/- ଙ୍କା କ୍ଷତିପୂରଣ ପ୍ରଦାନ କରିଛନ୍ତି । ଏହି ନ୍ୟାୟାଧିକରଣଙ୍କ କ୍ଷତିପୂରଣକୁ ଉଭୟ ଦାବିଦାର ଏବଂ ବୀମାକାରୀ ଉଚ୍ଚ ନ୍ୟାୟାଳୟରେ ଏମଏସିଏ ସଂଖ୍ୟା ୧୧୩୪ ଏବଂ ୧୧୬୯/୨୦୧୪ ମାଧ୍ୟମରେ ଆପତ୍ତି କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି କ୍ଷତିପୁରଣକୁ ଖାରଜ କରି ମାମଲାକୁ ପୁନଃ ଶୁଣାଣି ପାଇଁ ନ୍ୟାୟାଧିକରଣଙ୍କ ପାଖକୁ ପଠାଇଥିଲେ । ନ୍ୟାୟାଧିକରଣ ପୁଣିଥରେ ଏହି ମାମଲାର ବିଚାର କରି ମୋଟ ଟ ୨୨,୬୦,୦୦୦/- ଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିଛନ୍ତି ।ବିମାକାରୀ ଉଚ୍ଚ ନ୍ୟାୟାଳୟରେ ଏମଏସିଏ ସଂଖ୍ୟା ୯୬୫/୨୦୧୬ ଆଗତ କରି ନ୍ୟାୟାଧିକରଣଙ୍କ କ୍ଷତିପୂରଣ ଆଦେଶକୁ ଆପତ୍ତି କରିଥିଲେ । ସେହି ଆବେଦନରେ, ଉଚ୍ଚ ନ୍ୟାୟାଳୟ ନ୍ୟାୟାଧିକରଣଙ୍କ କ୍ଷତିପୂରଣ ଆଦେଶରେ ସଂଶୋଧନ କରିଛନ୍ତି ଏବଂ ଦାବି କରିବା ଆବେଦନ ତାରିଖ ଠାରୁ ଆରମ୍ଭ କରି ଆଦାୟ ତାରିଖ ପର୍ଯ୍ୟନ୍ତ ବାର୍ଷିକ ୭.୫ ପ୍ରତିଶତ ସୁଧ ହାରରେ ଟ ୧୭,୦୦,୦୦୦/- ଙ୍କାର କ୍ଷତିପୂରଣ ପ୍ରଦାନ କରିଛନ୍ତି ।

୫. ଆବେଦନକାରୀଙ୍କ ଶ୍ରୀମାନ ଓକିଲ ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ ବିନା କୌଣସି କାରଣ ଦର୍ଶାଇ ଉଚ୍ଚ ନ୍ୟାୟାଳୟ କ୍ଷତିପୂରଣ ହ୍ରାସ କରିବାଟା ଠିକ୍ ନଥିଲା । କୁହାଯାଇଛି ଯେ ଆବେଦନକାରୀ ଟ ୧୫,୦୦୦/- ଙ୍କା ରୋଜଗାର କରୁଥିଲେ ଏବଂ ମୃତ୍ୟୁ ବେଳକୁ ତାଙ୍କର ବୟସ ପାଖାପାଖି ୨୮ ବର୍ଷ ହୋଇଥିଲା । ନିମ୍ନଅଦାଲତ ତାଙ୍କର ବୟସ ୩୩ ବର୍ଷ ଭାବେ ଗ୍ରହଣ କରିସାରିଛନ୍ତି ଏବଂ '୧୫ '

ପରିବର୍ତ୍ତେ '୧୬' ଗୁଣିତକ ଲାଗୁ କରିଛନ୍ତି । ଏହା ମଧ୍ୟ କୁହାଯାଉଛି ଯେ ମୃତକଙ୍କର ଏକ ସ୍ଥାୟୀ ଚାକିରି ଥିଲା । ନିମ୍ନଅଦାଲତ ଭବିଷ୍ୟତ ସମ୍ଭାବନାର କ୍ଷତି ପାଇଁ କୌଣସି କ୍ଷତିପୂରଣ ପ୍ରଦାନ କରିନାହାଁନ୍ତି । ଏପରିକି **ନ୍ୟାସନାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ ବନାମ ପ୍ରଣୟ ସେଠୀ ଏବଂ ଅନ୍ୟମାନେ**[1] ମାମଲାରେ ମୃତ୍ୟୁ ଜନିତ କ୍ଷତି ପାଇଁ ମିଳିଥିବା କ୍ଷତିପୂରଣ ରାଶି ଏହି ଅଦାଲତଙ୍କ ରାୟ ପରମ୍ପରାଗତ କ୍ଷତିପୂରଣ ଅନୁସାରେ ହୋଇନାହିଁ ।

୬. ଅନ୍ୟପକ୍ଷରେ, ଉତ୍ତରଦାତା-ବୀମା କମ୍ପାନୀ ତରଫରୁ ଉପସ୍ଥିତ ଶ୍ରୀମାନ ଓକିଲ, ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ସମର୍ଥନ କରିଛନ୍ତି ।

୭. ଆମେ ଓକିଲମାନଙ୍କ ଦ୍ୱାରା କରାଯାଇଥିବା ଉପସ୍ଥାପନାକୁ ସତର୍କତାର ସହ ବିଚାର କରିଛୁ ଏବଂ ନଥିଭୁକ୍ତ ସମସ୍ତ ତଥ୍ୟକୁ ଅନୁଧ୍ୟାନ କରିଛୁ ।

୮. ଦୁର୍ଘଟଣାର କାରଣ ଏବଂ କ୍ଷତିପୂରଣ ପ୍ରଦାନ କରିବା ପାଇଁ ବୀମାକାରୀଙ୍କ ଉତ୍ତରଦାୟିତ୍ୱ ସମ୍ବନ୍ଧରେ ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଅନୁସନ୍ଧାନର ସିଦ୍ଧାନ୍ତକୁ ନେଇ କୌଣସି ବିବାଦ ନାହିଁ । ତେଣୁ, ବିଚାର କରିବା ପାଇଁ ଏକମାତ୍ର ପ୍ରଶ୍ନ ହେଉଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା କ୍ଷତିପୂରଣ ରାଶି ଯଥେଷ୍ଟ କି ।

୯. ମୃତ ବ୍ୟକ୍ତି ଜଣକ ମେସର୍ସ ଡିଭାଇନ୍ କନଷ୍ଟ୍ରକ୍ସନର ଜଣେ କୁଶ ସାମଲ (ପିଡବ୍ଲ୍ୟୁ-୩) ଙ୍କ ଅଧୀନରେ ତଦାରଖକାରୀ ଭାବେ କାର୍ଯ୍ୟ କରୁଥିଲେ । ପିଡବ୍ଲ୍ୟୁ-୩ ଦ୍ୱାରା ଜାରି କରାଯାଇଥିବା ପ୍ରଦର୍ଶିତ ବସ୍ତୁ ପି-୮ ପ୍ରମାଣପତ୍ର ଦର୍ଶାଉଛି ଯେ ମୃତ ବ୍ୟକ୍ତି ସଂଗଠନର ଜଣେ ତଦାରଖ ଥିଲେ ଏବଂ ତାଙ୍କର ମାସିକ ଦରମା ଟ ୧୫,୦୦୦/- ଙ୍କା ଥିଲା । ତାଙ୍କ ସାକ୍ଷ୍ୟରେ ପିଡବ୍ଲ୍ୟୁ-୩ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ମୃତକଙ୍କୁ ମାସିକ ଟ ୧୫୦୦୦/- ଙ୍କା ଦରମା ଦିଆଯାଉଥିଲା । ପ୍ରଥମ ଆବେଦନକାରୀ-ମୃତକଙ୍କ ପତ୍ନୀଙ୍କୁ ପିଡବ୍ଲ୍ୟୁ-୧ ଭାବେ ପରୀକ୍ଷା କରାଯାଇଥିଲା । ସେ କହିଥିଲେ ଯେ ମୃତ୍ୟୁ ସମୟରେ ମୃତକଙ୍କ ଆୟ ମାସିକ ଟ ୧୫୦୦୦/- ଙ୍କା ଥିଲା । ନଥିରେ ଥିବା ପ୍ରମାଣକୁ ଧ୍ୟାନରେ ରଖି ନ୍ୟାୟାଧିକରଣ ତାଙ୍କ ଆୟ ଟ ୧୫୦୦୦/- ଙ୍କା ହିସାବରେ ଆକଳନ କରିଛନ୍ତି । ନ୍ୟାୟାଧିକରଣଙ୍କ ଦ୍ୱାରା ଦରମା ଆକଳନରେ ଆମେ କୌଣସି ତ୍ରୁଟି ପାଇନାହୁଁ ।

---

[1] (୨୦୧୭)୧୬ ଏସସିସି ୬୮୦

୧୦. ଯଦିଓ ଆବେଦନକାରୀମାନେ ଦାବି କରିଛନ୍ତି ଯେ ମୃତକଙ୍କ ବୟସ ମୃତ୍ୟୁ ବେଳକୁ ୨୮ ବର୍ଷ ଥିଲା, କିନ୍ତୁ ଉକ୍ତ ଯୁକ୍ତିକୁ ସମର୍ଥନ କରିବା ପାଇଁ କୌଣସି ଦସ୍ତାବିଜ ଉପସ୍ଥାପନ କରାଯାଇନାହିଁ । ଅପରପକ୍ଷରେ ମୃତ ବ୍ୟକ୍ତିଙ୍କ ପ୍ୟାନ କାର୍ଡ (ପ୍ରଦର୍ଶିତ ବସ୍ତୁ -୭) ଦର୍ଶାଉଛି ଯେ ମୃତ୍ୟୁ ବେଳକୁ ତାଙ୍କ ବୟସ ୩୩ ବର୍ଷ ଥିଲା । ଏପରିକି ମୃତକଙ୍କ ଶବ ବ୍ୟବଛେଦ ବିବୃତିରୁ ମଧ୍ୟ ଏହା ସ୍ପଷ୍ଟ ହୋଇଛି । ତେଣୁ ନ୍ୟାୟାଧିକରଣ କହିଥିଲେ ଯେ ମୃତକଙ୍କ ବୟସ ୩୩ ବର୍ଷ ଏବଂ ଗୁଣକ '୧୬ ' ଲାଗୁ କରାଯାଇଥିଲା । ମୃତକଙ୍କ ବ୍ୟକ୍ତିଗତ ଖର୍ଚ୍ଚ ବାବଦକୁ ଆୟର ୧/୪ କାଟିବା ପରେ ନ୍ୟାୟାଧିକରଣ ନିର୍ଭରଶୀଳତାର କ୍ଷତି ପାଇଁ ମୋଟ ଟ ୨୧,୬୦,୦୦୦/- ଙ୍କା ଏବଂ ଅନ୍ୟାନ୍ୟ ପାରମ୍ପାରିକ କ୍ଷତି ବାବଦକୁ ଟ ୧,୦୦,୦୦୦/- ଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିଛନ୍ତି । ଏହିପରି ନ୍ୟାୟାଧିକରଣଙ୍କ ଦ୍ୱାରା ମୋଟ ଟ ୨୨,୬୦,୦୦୦/- ଙ୍କା ପ୍ରଦାନ କରାଯାଇଥିଲା ।

୧୧. କିନ୍ତୁ ଉଚ୍ଚ ନ୍ୟାୟାଳୟ ବିନା କୌଣସି କାରଣ ଦର୍ଶାଇ ନ୍ୟାୟାଧିକରଣଙ୍କ କ୍ଷତିପୂରଣ ରାଶିରେ ସଂଶୋଧନ କରିଛନ୍ତି, ଏବଂ ଟ ୧୭,୦୦,୦୦୦/- ଙ୍କାର କ୍ଷତିପୂରଣ ରାଶି ନିମ୍ନଲିଖିତ ଆଧାରରେ ପ୍ରଦାନ କରିଛନ୍ତି:

> "ଦାଖଲ କରାଯାଇଥିବା ପ୍ରସ୍ତାବକୁ ବିଚାରକୁ ନେଇ ଏବଂ କ୍ଷତିପୂରଣ ରାଶିର ପରିମାଣକୁ ଧ୍ୟାନରେ ରଖି ଏବଂ ଯେଉଁ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି, ମୁଁ ଭାବୁଛି ଯେ, ସମସ୍ତଙ୍କୁ ଉଚିତ ନ୍ୟାୟ ମିଳିବ, ଯଦି ପ୍ରଦାନ କରାଯାଇଥିବା କ୍ଷତିପୂରଣ ରାଶି ଟ୨୨,୬୦,୦୦୦/- ଙ୍କାକୁ ସଂଶୋଧିନ କରାଯାଇ କେବଳ ଟ ୧୭,୦୦,୦୦୦/- ଙ୍କା (ସତର ଲକ୍ଷ ଟଙ୍କା ) କୁ ହ୍ରାସ କରାଯାଏ, ଯାହାକୁ ପ୍ରଦାନ କରାଯାଇଥିବା ସୁଧ ସହିତ ଦାବିଦାରଙ୍କୁ ଦେବାକୁ ପଡିବ । ପ୍ରଦାନ କରାଯାଇଥିବା ଆକ୍ଷେପିତ କ୍ଷତିପୂରଣ ରାଶିକୁ ଉପରୋକ୍ତ ଭାବରେ ସଂଶୋଧନ କରାଯାଇଛି ।"

୧୨. ମୋଟର ଯାନ ଅଧିନିୟମ ୧୯୮୮ର ଧାରା ୧୭୩ରେ ଦାବି ନ୍ୟାୟାଧିକରଣଙ୍କ ରାୟ ବିରୋଧରେ ଆବେଦନ କରିବାର ବ୍ୟବସ୍ଥା ରହିଛି । ଏହା ଏକ ବ୍ୟବସ୍ଥିତ ଆଇନ ଯେ ପୁନର୍ବିଚାର ମୂଳ ନ୍ୟାୟାଳୟ/ନ୍ୟାୟାଧିକରଣର ଆଇନଗତ କାର୍ଯ୍ୟାନୁଷ୍ଠାନର ଅବିଚ୍ଛିନ୍ନ ଅଙ୍ଗ । ଆବେଦନକାରୀଙ୍କ ପାଇଁ ପୁନର୍ବିଚାର ଆବେଦନ ଏକ ମୂଲ୍ୟବାନ ଅଧିକାର ଏବଂ ଆବେଦନ ପ୍ରକ୍ରିୟାରେ ନ୍ୟାୟାଧିକରଣଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ତଥ୍ୟ ଏବଂ ଆଇନଗତ ପ୍ରଶ୍ନର ପୁନର୍ବିଚାର

କରିବାର  ବାଟ ଖୋଲା ରହିଛି । ତେଣୁ ପୁନର୍ବିଚାର କରୁଥିବା ନ୍ୟାୟାଳୟକୁ ଏହା ସମ୍ମୁଖରେ ଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେବା ଏବଂ କାରଣ ଦର୍ଶାଇ ମାମଲାର ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ।

୧୩. ଆମେ ପୂର୍ବରୁ କହିଛୁ ଯେ ନ୍ୟାୟାଧିକରଣଙ୍କ ଦ୍ୱାରା ଆକଳନ କରାଯାଇଥିବା ମୃତକଙ୍କ ମାସିକ ଆୟ ଟ ୧୫,୦୦୦/- ଙ୍କା  ଯାହାକି ସଠିକ ଏବଂ ଉପଯୁକ୍ତ ଅଟେ । ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ ମୃତ୍ୟୁ ବେଳକୁ ମୃତକଙ୍କ ବୟସ ୩୩  ବର୍ଷ ଥିଲା । ତେଣୁ, ନ୍ୟାୟାଧିକରଣଙ୍କ  ଦ୍ୱାରା '୧୬ ' ର ଗୁଣକ ପ୍ରୟୋଗ ମଧ୍ୟ ଉଚିତ । ମୃତକଙ୍କ ବାର୍ଷିକ ଦରମା ଟ  ୧,୮୦,୦୦୦/- ଙ୍କା ହେବ, ଯାହାକୁ '୧୬ ' ସହିତ ଗୁଣନ କଲେ ଟ ୨୮,୮୦,୦୦୦/- ଙ୍କା ହେବ ।

୧୪. **ପ୍ରଣୟ ସେଠୀଙ୍କ** ମାମଲାରେ ଏହି ନ୍ୟାୟାଳୟର  ସମ୍ବିଧାନ ବିଚାରପୀଠ ଏହି ରାୟ ଦେଇଛନ୍ତି ଯେ ଯଦି ମୃତ ବ୍ୟକ୍ତି ଆତ୍ମ  ନିଯୁକ୍ତ  ଥିଲେ କିମ୍ବା ଏକ ନିର୍ଦ୍ଧାରିତ ଦରମାରେ ଥିଲେ, ତେବେ ଯେଉଁଠାରେ ମୃତ ବ୍ୟକ୍ତିଙ୍କ ବୟସ  ୪୦  ବର୍ଷରୁ କମ୍  ହୋଇଥିବ ସେଠାରେ ପ୍ରତିଷ୍ଠିତ ଆୟର ୪୦% ଅତିରିକ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯିବା ଉଚିତ୍:

> "ଯଦି ମୃତ ବ୍ୟକ୍ତି ଆତ୍ମ ନିଯୁକ୍ତ ଥିବେ କିମ୍ବା ନିର୍ଦ୍ଧାରିତ ଦରମାରେ ଥିବେ , ତେବେ ଯେଉଁଠାରେ ମୃତ ବ୍ୟକ୍ତିଙ୍କ ବୟସ ୪୦ ବର୍ଷରୁ କମ୍ ହୋଇଥିବା ସେଠାରେ ପ୍ରତିଷ୍ଠିତ ଆୟର ୪୦% ଅତିରିକ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯିବା ଉଚିତ୍ । ଯେଉଁଠି ମୃତ ବ୍ୟକ୍ତିଙ୍କ ବୟସ ୪୦ ରୁ ୫୦ ବର୍ଷ ମଧ୍ୟରେ ଥିଲା ତାଙ୍କ ପାଇଁ ଅତିରିକ୍ତ ୨୫% ଏବଂ ଯେଉଁଠି ମୃତ ବ୍ୟକ୍ତିଙ୍କ ବୟସ ୫୦ରୁ ୬୦ବର୍ଷ ମଧ୍ୟରେ ଥିଲା ତାଙ୍କ ପାଇଁ ଅତିରିକ୍ତ ୧୦% ର ଆବଶ୍ୟକୀୟ ଗଣନ ପ୍ରକ୍ରିୟାକୁ ମିଶାଇବା ଉଚିତ୍ । ସ୍ଥାପିତ ଆୟର ଅର୍ଥ ହେଉଛି ଟିକସ ଦେୟ ପରେ ଆୟ ।"

୧୫. ତେଣୁ ମୃତକଙ୍କ ଆୟର ୪୦%  ଭବିଷ୍ୟତର କ୍ଷତି ପାଇଁ ଯୋଡ଼ିବାକୁ ପଡ଼ିବ ଯାହାକି ଟ ୧୧,୫୨,୦୦୦/- ଙ୍କା ହେବ । ତେଣୁ ମୃତକଙ୍କ ମୋଟ ଆୟ ଟ ୪୦,୩୨,୦୦୦/- ଙ୍କା ହେବ । ଆୟର ଏକ ଚତୁର୍ଥାଂଶ ଅର୍ଥାତ ଟ  ୧୦,୦୮,୦୦୦/-  ଙ୍କା, ମୃତକ ତିନି ଜଣ ନିର୍ଭରଶୀଳଙ୍କୁ ଛାଡ଼ି ଯାଇଥିବାରୁ ତାଙ୍କ ବ୍ୟକ୍ତିଗତ ଖର୍ଚ୍ଚ ପାଇଁ କାଟିବାକୁ ପଡ଼ିବ । ତେଣୁ ନିର୍ଭରଶୀଳତାର କ୍ଷତି ବାବଦକୁ ଦାବିଦାରମାନଙ୍କ ମୋଟ ରାଶି ଟ ୩୦,୨୪,୦୦୦/- ଙ୍କା ହେବ ।

୧୬. **ପ୍ରଣୟ ସେଠୀ**  ମାମଲାରେ ଏହି ନ୍ୟାୟାଳୟ ପରମ୍ପରାଗତ କ୍ଷତି ବାବଦକୁ ଯେପରିକି ସମ୍ପତ୍ତିର କ୍ଷତି, ବନ୍ଧୁତା କ୍ଷତି ଏବଂ ଅନ୍ତିମ ସଂସ୍କାର ବ୍ୟୟ ଇତ୍ୟାଦି ପାଇଁ  ମୋଟ ଟ ୭୦,୦୦୦/- ଙ୍କା ପ୍ରଦାନ

କରିଛନ୍ତି । ୨୦୧୭ ମସିହାରେ ରେ ସାମ୍ବିଧାନିକ ବିଚାରପୀଠ ଏହି ରାୟ ଶୁଣାଇଥିଲେ । ତେଣୁ, ଦାବିଦାରମାନେ ୧୦%ର ବୃଦ୍ଧି ପାଇବା ପାଇଁ ହକଦାର ଅଟନ୍ତି । ସମ୍ପତ୍ତିର କ୍ଷତି ଏବଂ ପାରମ୍ପରିକ କ୍ଷତି ପାଇଁ ଟ ୧୬,୫୦୦/- ଙ୍କା ଏବଂ ଦାମ୍ପତ୍ୟ ଜୀବନର କ୍ଷତି ପାଇଁ ଟ ୪୪,୦୦୦/- ଙ୍କା ପ୍ରଦାନ କରାଯାଉଛି । ତେଣୁ, ଦାବିଦାରମାନଙ୍କୁ ଦେବାକୁଥିବା ମୋଟ କ୍ଷତିପୂରଣ ରାଶି ନିମ୍ନରେ ପ୍ରଦାନ କରାଗଲା ।

| | | |
|---|---|---|
| (୧) | ନିର୍ଭରଶୀଳତାର କ୍ଷତି ବାବଦକୁ | ଟ ୩୦,୨୪,୦୦୦/-ଙ୍କା |
| (୨) | ସମ୍ପତି କ୍ଷତି ବାବଦକୁ | ଟ ୧୬, ୫୦୦/–ଙ୍କା |
| (୩) | ଅନ୍ତିମ ସଂସ୍କାର ଖର୍ଚ୍ଚ | ଟ ୧୬, ୫୦୦/–ଙ୍କା |
| (୪) | ଜୀବନସାଥୀ କ୍ଷତି ବାବଦକୁ | ଟ ୪୪, ୦୦୦/–ଙ୍କା |
| ମୋଟ | | ଟ ୩୧,୦୧,୦୦୦/-ଙ୍କା |

୧୭. ଉପରୋକ୍ତ ତଥ୍ୟ ଅନୁଯାୟୀ ଉଚ୍ଚ ନ୍ୟାୟାଳୟ ପୂର୍ବରୁ ଟ ୧୭,୦୦,୦୦୦/- ଙ୍କା ପ୍ରଦାନକରି ସାରିଛନ୍ତି । ତେଣୁ ଆବେଦନକାରୀଙ୍କୁ ଅବଶିଷ୍ଟ ଟ ୧୪,୦୧,୦୦୦/- ଙ୍କା ଦେବାକୁ ହେବ । ଦ୍ୱିତୀୟ ଉତ୍ତରଦାତା -ବୀମାକାରୀଙ୍କୁ ଆଜି ଠାରୁ ଆଠ ସପ୍ତାହ ମଧ୍ୟରେ ଦାବି କରିବା ଆବେଦନ ତାରିଖ ଠାରୁ ଆରମ୍ଭ କରି ଆଦାୟ ତାରିଖ ପର୍ଯ୍ୟନ୍ତ ୭.୫% ବାର୍ଷିକ ସୁଧ ହାର ସହିତ ଟ ୧୪,୦୧,୦୦୦/- ଙ୍କା ନ୍ୟାୟାଧିକରଣଙ୍କ ପାଖରେ ଜମା କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଏପରି ଜମା କରାଯିବା ପରେ, ତା ୨୭.୦୨.୨୦୧୬ ରିଖର ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶକ୍ରମେ ସମାନ ଅନୁପାତରେ ଦାବିଦାର/ଆବେଦନକାରୀଙ୍କୁ ଏହି ଅର୍ଥ ପ୍ରଦାନ କରାଯିବ ।

୧୮. ତଦନୁସାରେ ଆବେଦନର ଫଇସଲା କରାଗଲା । ବ୍ୟୟ ବାବଦକୁ କୌଣସି ଆଦେଶ ରହିବ ନାହିଁ ।

୧୯. ରାୟ ପ୍ରକାଶ ପାଇବା ପୂର୍ବରୁ ଆମେ ଦେଖିପାରିବା ଯେ ମୋଟର ଯାନ ଅଧିନିୟମ ୧୯୮୮ ମସିହାର ବ୍ୟବସ୍ଥା ଅନୁଯାୟୀ ସାରା ଦେଶରେ ସ୍ଥାପିତ ବିଭିନ୍ନ ଦାବି କରିବା ନ୍ୟାୟାଧିକରଣରେ ବହୁ ସଂଖ୍ୟକ ଦାବି ଆବେଦନ ଦାଖଲ କରାଯାଉଛି । ନ୍ୟାୟାଧିକରଣଗୁଡ଼ିକର ନିଷ୍ପତ୍ତି ବିରୋଧରେ,

ମୋଟର ଯାନ ଅଧିନିୟମ ୧୯୮୮ ର ଧାରା ୧୭୩ ଅନ୍ତର୍ଗତ ଦାବୀଦାର କିମ୍ବା ବୀମା କମ୍ପାନୀ ଏବଂ ଦୁର୍ଘଟଣା ଘଟାଇଥିବା ଯାନଗୁଡ଼ିକର ମାଲିକମାନଙ୍କ ଦ୍ୱାରା ସମ୍ବନ୍ଧିତ ଉଚ୍ଚ ନ୍ୟାୟାଳୟରେ ଆବେଦନ ଦାଖଲ କରାଯାଇଥାଏ । ଏଭଳି ଅନେକ ଆବେଦନ ବିଭିନ୍ନ ଉଚ୍ଚ ନ୍ୟାୟାଳୟ ମାନଙ୍କରେ ବିଚାରାଧୀନ ରହିଛି । ଉପରୋକ୍ତ ପ୍ରସଙ୍ଗକୁ ଧ୍ୟାନରେ ରଖି ଆମେ ଭାବୁଛୁ ଯେ ଉଚ୍ଚ ନ୍ୟାୟାଳୟମାନଙ୍କ ସମ୍ମୁଖରେ ପଡ଼ି ରହିଥିବା ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଏବଂ ସଡ଼କ ଦୁର୍ଘଟଣାର ପୀଡ଼ିତମାନଙ୍କୁ ତୁରନ୍ତ କ୍ଷତିପୂରଣ ସହିତ ବିଚାରଧୀନ ଆବେଦନର ତ୍ୱରିତ ସମାଧାନ ପାଇଁ ମୋଟର ଯାନ ଅଧିନିୟମ ୧୭୩ ରେ ସଂଶୋଧନ କରି 'ମୋଟର ଯାନ ଆବେଦନ ନ୍ୟାୟାଧିକରଣ ' ଗଠନ କରିବା ଠିକ୍ ଏବଂ ଉପଯୁକ୍ତ ହେବ, ଯାହା ଦ୍ୱାରା ନ୍ୟାୟାଧିକରଣଙ୍କ ଦ୍ୱରା ପ୍ରଦାନ କରାଯାଇଥିବା କ୍ଷତିପୂରଣ ରାଶି ଉପରେ ଆପତ୍ତି ପୂର୍ବକ ଆବେଦନକୁ ସ୍ଥାପିତ ନ୍ୟାୟାଧିକରଣଙ୍କ ପାଖରେ ଦାୟର କରିପାରିବେ ।

୨୦. ଏପରି ଏକ ଆବେଦନ ନ୍ୟାୟାଧିକରଣରେ ବିଭିନ୍ନ ଖଣ୍ଡପୀଠରେ ଦୁଇଜଣ ବରିଷ୍ଠ ଜିଲ୍ଲା ବିଚାରପତି ରହିପାରିବେ । ନ୍ୟାୟ ସୁନିଶ୍ଚିତ କରିବା ଏବଂ ବିଚାରଧୀନମାମଲାର ଦୂରୀକରଣ ପାଇଁ ପ୍ରତ୍ୟେକ ରାଜ୍ୟର ରାଜଧାନୀ ସହର ବ୍ୟତୀତ, ସ୍ଥାନୀୟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ଆଞ୍ଚଳିକ ସହରରେ ଆବେଦନ ନ୍ୟାୟାଧିକରଣ ଖଣ୍ଡପୀଠ ପ୍ରତିଷ୍ଠା କରିବା ଉପରେ ବିଚାର କରିବା ଉଚିତ । ଏହି ଉଦ୍ଦେଶ୍ୟରେ, ଆବେଦନ ନ୍ୟାୟାଧିକରଣର କାର୍ଯ୍ୟ ପ୍ରକ୍ରିୟାକୁ ନିୟନ୍ତ୍ରିତ କରିବା ଲାଗି ଉପଯୁକ୍ତ ନିୟମ ମଧ୍ୟ ପ୍ରସ୍ତୁତ କରାଯାଇପାରିବ ।ଆବେଦନ ନ୍ୟାୟାଧିକରଣଙ୍କ ଆଦେଶ ବିରୋଧରେ ଆଉ କୌଣସି ଆବେଦନ କରିବାର ଆବଶ୍ୟକତା ପଡିବ ନାହିଁ ।ଯଦି କୌଣସି ପକ୍ଷ ଆବେଦନ ନ୍ୟାୟାଧିକରଣଙ୍କ ଆଦେଶକୁ ନେଇ କ୍ଷତିଗ୍ରସ୍ତ ହୋଇଥାନ୍ତି, ତେବେ ସେ ଉପଯୁକ୍ତ ସାହାଯ୍ୟ ପାଇଁ ସର୍ବଦା ସମ୍ପୃକ୍ତ ଉଚ୍ଚ ନ୍ୟାୟାଳୟଙ୍କ ରିଟ୍ କ୍ଷେତ୍ରାଧିକାରଙ୍କ ପାଖରେ ପ୍ରାର୍ଥନା କରିପାରିବେ । ନ୍ୟାୟ ବିଭାଗ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ କୁ ଏହି ପ୍ରସଙ୍ଗର ଅନୁଧ୍ୟାନ କରିବା ପାଇଁ ଅନୁରୋଧ କରାଯାଇଛି ।

୨୧. ଏହି ରାୟର ଏକ ଅବିକଳ ନକଲ ନ୍ୟାୟ ବିଭାଗ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ସଚିବଙ୍କୁ ତୁରନ୍ତ ପ୍ରଦାନ କରିବାଲାଗି କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି ।

............ନ୍ୟାୟମୂର୍ତ୍ତି
[ଏସ୍. ଅବଦୁଲ ନଜିର]
............ନ୍ୟାୟମୂର୍ତ୍ତି
[ କ୍ରୀଷ୍ଣା ମୁରାରି ]

ନୂଆଦିଲ୍ଲୀ
ଡିସେମ୍ବର ୦୮,୨୦୨୧

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*TRANSLATED BY:*
Shri Jatadhari Sethi
Translator, High Court of Orissa, Cuttack.